**+3 2nd Sem (NEP)**

**ODI-C-IP -3(R&B) MAJ**

**APRIL, 2026**

## ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦

*ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।*

### କ- ବିଭାଗ

**୧ . ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ । (୧×୧୦=୧୦)**

କ. 'ଚର୍ଯ୍ୟାଚୟ ବିନିଶ୍ଚୟ' ପୋଥିକୁ ହରପ୍ରସାଦ ଶାସ୍ତ୍ରୀ ______ ଦେଶରୁ ସଂଗ୍ରହ କରିଥିଲେ ।

(ଭାରତ, ନେପାଳ, ଶ୍ରୀଲଙ୍କା, ଥାଇଲାଣ୍ଡ )

ଖ. 'ଚର୍ଯ୍ୟାଗୀତିକା'ରେ _______ଙ୍କ ସର୍ବାଧିକ ଗୀତିକା ସ୍ଥାନିତ ହୋଇଛି ।

(କାହ୍ନୁପା, ସରହପା, ଭୁସୁକୁପା, କୁକୁରୀପା )

ଗ. ସାରଳା ଦାସ ତାଙ୍କ ରଚନାରେ _____ ଧର୍ମର ସର୍ବାଧିକ ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ।

(ଶୈବ, ଶାକ୍ତ, ବୌଦ୍ଧ, ଜୈନ)

ଘ. କାନଫଟା ଯୋଗୀମାନେ _________ ଧର୍ମର ସାଧକ ଅଟନ୍ତି ।

(ସହଜଯାନ, ନାଥ, ବଜ୍ରଯାନ, ବୈଷ୍ଣବ)

ଙ. ସାରଳା ଦାସ ନୂତନ ଭାବେ ସଂଯୋଜିତ କରିଥିବା ଏକ ପର୍ବ ହେଉଛି _____ ।

( ଆଦିପର୍ବ, ମଧ୍ୟପର୍ବ, କର୍ଣ୍ଣପର୍ବ, ଭୀଷ୍ମପର୍ବ )

ଚ. 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ପ୍ରସଙ୍ଗ ସାରଳା ମହାଭାରତର ____ ପର୍ବରେ ରହିଛି ।

(ଭୀଷ୍ମ, କର୍ଣ୍ଣ, ଗଦା, ଶଲ୍ୟ )

ଛ. 'ଭାବ ସମୁଦ୍ର'ର ସ୍ରଷ୍ଟା ହେଉଛନ୍ତି _______ ।

(ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ)

ଜ. 'ଉଦେ ବାଖର' ଗ୍ରନ୍ଥର ରଚୟିତା ହେଉଛନ୍ତି _____ ।

(ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ)

ଝ. ଜଗନ୍ନାଥ ଦାସ ମୂଳ ସଂସ୍କୃତ ଭାଗବତର ପ୍ରଥମରୁ ______ ସ୍କନ୍ଧ ପର୍ଯ୍ୟନ୍ତ ଅନୁବାଦ କରିଛନ୍ତି ।

( ନବମ, ଦଶମ, ଏକାଦଶ , ଦ୍ୱାଦଶ)

ଞ. ଅଚ୍ୟୁତାନନ୍ଦଙ୍କ 'ହରିବଂଶ' ___ ଖଣ୍ଡରେ ବିଭକ୍ତ ହୋଇଛି । (୪, ୫, ୬, ୭)

### ଖ- ବିଭାଗ

**୨. ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ) (୨×୯=୧୮)**

କ. ସହଜଯାନର ସ୍ରଷ୍ଟା କିଏ ଏବଂ ସେ କେଉଁ ରାଜ୍ୟର ଅଧିବାସୀ ବୋଲି କୁହାଯାଏ ?

ଖ. 'ଚର୍ଯ୍ୟା ଗୀତିକା'ରେ କେତୋଟି ଗୀତିକା ରହିଛି ଏବଂ କେତେ ଜଣ ରଚୟିତାଙ୍କ ଗୀତିକାର ସଂକଳନ ?

ଗ. 'ଶିଶୁବେଦ'ର ରଚୟିତା କିଏ ଏବଂ ଏହା କେଉଁ ଧର୍ମଧାରାର ଆଚରଣ ବିଧି ଦର୍ଶାଏ ?

ଘ. ସାରଳା ଦାସ ନିଜର ପୂର୍ବ ଜନ୍ମ ସମ୍ବନ୍ଧରେ କ'ଣ କହିଛନ୍ତି ?

ଙ. ସିଦ୍ଧେଶ୍ୱର ଦାସଙ୍କ ରଚିତ କେଉଁ ଗ୍ରନ୍ଥକୁ ସାରଳା ଦାସଙ୍କ ପ୍ରଥମ ଗ୍ରନ୍ଥ ବୋଲି କିଛି ସମାଲୋଚକ କହିଛନ୍ତି ?

ଚ. ଜଗନ୍ନାଥ ଦାସଙ୍କ 'ଅର୍ଥ କୋଇଲି' କେଉଁ ପୂର୍ବ ରଚନାର ଅର୍ଥ ପ୍ରଖ୍ୟାପନ କରିଥାଏ ?

ଛ. ବଳରାମ ଦାସଙ୍କ ୫ଟି ପ୍ରମୁଖ ରଚନାର ଉଲ୍ଲେଖ କର।

ଜ. ଯଶୋବନ୍ତ ଦାସଙ୍କ କେଉଁ ଗ୍ରନ୍ଥରେ ମୁକ୍ତାଦେବୀ, ହାଡ଼ିପା ଆଦି ସିଦ୍ଧଙ୍କ ପ୍ରସଙ୍ଗ ରହିଛି ?

ଝ. ଶିଶୁ ଅନନ୍ତ ଦାସଙ୍କ ରଚନାମାନଙ୍କର ଏକ ବିବରଣୀ ପ୍ରଦାନ କର ।

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫× ୮=୪୦)**

କ. 'ଚର୍ଯାଗୀତିକା'ର ଧାର୍ମିକ ମୂଲ୍ୟବୋଧ ସଂପର୍କରେ ଆଲୋଚନା କର ।

ଖ. 'ଚର୍ଯାଗୀତିକା'ରେ ତତ୍‌କାଳୀନ ସମାଜ କପରି ପ୍ରତିଫଳିତ ହୋଇଛି, ବିଚାର କର ।

ଗ. ନାଥଧର୍ମ ଆଧାରିତ ଓଡ଼ିଆ ସାହିତ୍ୟର ପରିଚୟ ପ୍ରଦାନ କର ।

ଘ. ସାରଳା ମହାଭାରତ ଓ ସଂସ୍କୃତ ମହାଭାରତର ପର୍ବମାନଙ୍କର ନାମକରଣ ତୁଳନା କର ।

ଙ. ସାରଳା ସାହିତ୍ୟର ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟ ଆକଳନ କର ।

ଚ. ସାରଳା ସାହିତ୍ୟରୁ ତତ୍କାଳୀନ ଓଡ଼ିଆ ସାମାଜିକ ଚଳନୀ ଉପରେ ଆଲୋକପାତ କର।

ଛ. ବଳରାମ ଦାସଙ୍କ ରଚନାରେ ଜାତିପ୍ରଥା ବିରୁଦ୍ଧରେ କିଭଳି ସ୍ୱର ଉତ୍ତୋଳନ, ହୋଇଛି ବିଚାର କର ।

ଜ. ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ'ର ବୈଶିଷ୍ଟ୍ୟ ଆକଳନ କର ।

ଝ. ଯଶୋବନ୍ତ ଦାସଙ୍କ ରଚନାରେ ଜ୍ଞାନମିଶ୍ରା ଭକ୍ତିତତ୍ତ୍ୱ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

ଞ. ଅଚ୍ୟୁତାନନ୍ଦ ଦାସଙ୍କ ପରିଚୟ ପ୍ରଦାନ କର ।

## ଘ- ବିଭାଗ

**୪. ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(୮ × ୪ = ୩୨)**

କ. ଚର୍ଯାଗୀତିକାର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କର ।

ଖ. ସାରଳା ସାହିତ୍ୟର ସାଂସ୍କୃତିକ ଓ ଧାର୍ମିକ ଦିଗ ସଂପର୍କରେ ଆଲୋଚନା କର ।

ଗ. ପଞ୍ଚସଖା ସାହିତ୍ୟର ପରିଚୟ ପ୍ରଦାନ କର ।

ଘ. ବଳରାମ ଦାସଙ୍କ ଆଖ୍ୟାନ ଧର୍ମୀ ରଚନାମାନଙ୍କର ବୈଶିଷ୍ଟ୍ୟ ଆକଳନ କର।

ଙ. ଅଚ୍ୟୁତାନନ୍ଦ ଦାସଙ୍କ ସାହିତ୍ୟର ଆଧ୍ୟାତ୍ମିକ ଦିଗ ଉପରେ ଆଲୋକପାତ କର।

****************

**+3 2nd SEM (NEP)**

**ODI – C-1P-4(R&B) MAJ**

**APRIL, 2026**

# ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ

ପୂର୍ଣ୍ଣସଂଖ୍ୟା : ୧୦୦ ସମୟ : ୩.୦୦ ଘ.

## 'କ' ବିଭାଗ

ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । (୧x୧୦=୧୦)

କ) କେଉଁ ରାଜାଙ୍କ ଦରବାର ବିଳାସମୟ କାବ୍ୟ ସଙ୍ଗୀତ ଚର୍ଚ୍ଚାର ଏକ ପ୍ରମୋଦସ୍ଥଳୀ ଥିଲା ?

ଖ) ମଧ୍ୟଯୁଗରେ ଧାର୍ମିକ ବିଷୟବସ୍ତୁକୁ ଅବଲମ୍ବନ କରି ଯେଉଁ କାବ୍ୟକବିତା ଲେଖାଯାଉଥିଲା, ତହିଁରେ ଭକ୍ତିଭାବ ଅପେକ୍ଷା...........ର ପ୍ରାଧାନ୍ୟ ବେଶି ଥିଲା ।

ଗ) 'ଛାନ୍ଦଭୂଷଣ' କାହାର ରଚନା ?

ଘ) କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' କେତେ ଛାନ୍ଦ ବିଶିଷ୍ଟ କାବ୍ୟ ?

ଙ) ମଧ୍ୟଯୁଗୀୟ କାବ୍ୟରେ ମଙ୍ଗଳାଚରଣ ପରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ହୋଇଥାଏ ?

ଚ) ଓଡ଼ିଆ ରୀତି ସାହିତ୍ୟାନୁସାରେ କେଉଁ ଋତୁ ହେଉଛି ବିରହର ଋତୁ ?

ଛ) କାହାକୁ ବ୍ରହ୍ମାନନ୍ଦ ସହୋଦର ବୋଲି କୁହାଯାଏ ?

ଜ) କାବ୍ୟରେ 'ପୂର୍ବରାଗ' କହିଲେ କ'ଣ ?

ଝ) 'ବାରମାସୀ କୋଇଲି'ର କବି କିଏ ?

ଞ) 'ଦୀନବନ୍ଧୁ ଦଇତାରି ଦୁଃଖ ନ ଗଲା ମୋହରି' – ଭଜନଟିର ରଚୟିତା କିଏ ?

## 'ଖ' ବିଭାଗ

ନଂ.୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ । (୨ x ୯=୧୮)

କ) ରୀତିଯୁଗର ଉନ୍ମେଷ କାଳରେ ଓଡ଼ିଶାର ରାଜନୀତିକ ପୃଷ୍ଠଭୂମି କିପରି ଥିଲା ?

ଖ) ମଧ୍ୟଯୁଗୀୟ କାବ୍ୟରେ ଜଗନ୍ନାଥଙ୍କୁ କେଉଁ ରୂପରେ ଗ୍ରହଣ କରାଯାଇଛି ?

ଗ) ଧନଞ୍ଜୟ ଭଞ୍ଜଙ୍କ ଦୁଇଟି କାଳ୍ପନିକ କାବ୍ୟର ନାମ ଲେଖ ।

ଘ) ମଧ୍ୟଯୁଗୀୟ କାବ୍ୟର ବିଷୟ ବିନ୍ୟାସ କୌଶଳ କିପରି ?

ଙ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ପରମ୍ପରାରେ ଜନପ୍ରିୟ ଦୁଇଟି 'ରାମକାବ୍ୟ'ର ନାମ ଉଲ୍ଲେଖ କର ।

ଚ) ରୀତି ସାହିତ୍ୟରେ ସ୍ୱକୀୟା ପ୍ରୀତିର ସ୍ୱରୂପ କିପରି ?

ଛ) 'ବିପ୍ରଲମ୍ଭ ଶୃଙ୍ଗାର' କହିଲେ କଣ ବୁଝ ?

ଜ) କିପରି କାବ୍ୟକୁ ଚମ୍ପୂ ବୋଲି କୁହାଯାଇଥାଏ ?

ଝ) ଭଜନ ଓ ଜଣାଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

## 'ଗ' ବିଭାଗ

ନଂ.୩. ଯେକୌଣସି ଆଠଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ । (୫ x ୮=୪୦)

କ) ମଧ୍ୟଯୁଗୀୟ ସାହିତ୍ୟର ଧର୍ମୀୟ ପୃଷ୍ଠଭୂମି ସଂପର୍କରେ ଆଲୋକପାତ କର ।

ଖ) 'ମଧ୍ୟଯୁଗୀୟ କାବ୍ୟ ଜଗତରେ ଦାମ୍ପତ୍ୟପ୍ରେମ' – ସଂକ୍ଷେପରେ ଆଲୋଚନା କର ।

ଗ) ରୀତିକାବ୍ୟର ଆଙ୍ଗିକ ବୈଚିତ୍ର୍ୟରେ ଆଳଙ୍କାରିକତାର ଭୂମିକା ନିର୍ଦ୍ଧାରଣ କର ।

ଘ) ବିଷୟ ବିନ୍ୟାସ ହିଁ ମଧ୍ୟଯୁଗୀୟ କାବ୍ୟର ଏକ ପ୍ରମୁଖ ଆକର୍ଷଣ – ବିଚାର କର ।

ଙ) 'ଶୃଙ୍ଗାରୀ ଚେତ୍ କବିଃ କାବ୍ୟେ ଜାତଂ ରସମୟଂ ଜଗତ୍'- ଏହାର ଭାବାର୍ଥ ନିଜ ଭାଷାରେ ଲେଖ ।

ଚ) ମଧ୍ୟଯୁଗୀୟ କାବ୍ୟରେ ବିଷୟବସ୍ତୁ ବିନ୍ୟାସ କୌଶଳର ଯଥାର୍ଥ୍ୟ ପ୍ରତିପାଦନ କର ।

ଛ) 'ଓଡ଼ିଆ ଚମ୍ପୂ'ର ସ୍ୱରୂପ ଦର୍ଶାଅ ।

ଜ) ଚଉତିଶାର ରଚନାରୀତି ସମ୍ବନ୍ଧରେ ଏକ ଟିପ୍ପଣୀ ଲେଖ ।

ଝ) 'ଚତୁର ବିନୋଦ'ର କଥା ଉପସ୍ଥାପନାଗତ ଚାତୁରୀ ସଂପର୍କରେ ସଂକ୍ଷିପ୍ତ ଆଲୋଚନା କର ।

ଞ) 'ମାଦଳା ପାଞ୍ଜି' ର ଗଦ୍ୟଶୈଳୀ ସଂପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

## 'ଘ' ବିଭାଗ

ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ୮୦୦ଟି ଶବ୍ଦ ମଧ୍ୟରେ ଲେଖ । (୮ x ୪=୩୨)

କ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କର ।

ଖ) ମଧ୍ୟଯୁଗୀୟ କାବ୍ୟର କଥାବସ୍ତୁ ସଂଯୋଜନା କୌଶଳର ସାର୍ଥକତା ପ୍ରତିପାଦନ କର ।

ଗ) 'ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ଆତ୍ମିକ ବିଭବ ବେଶ୍ ସମୃଦ୍ଧିଶାଳୀ' – ଉକ୍ତିଟିର ଯଥାର୍ଥ୍ୟ ବିଚାର କର

ଘ) ଓଡ଼ିଆ ଗୀତିକବିତାର ଲକ୍ଷଣ ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

ଙ) ଓଡ଼ିଆ 'କୋଇଲି ସାହିତ୍ୟର' ସ୍ୱରୂପ ଓ ସଫଳତା ନିର୍ଦ୍ଧାରଣ କର ।

-୦-

**+3 2nd SEM (NEP)**

**ODI-C-3P-1(R&B) MIN**

**APRIL,2026**

# ଭାଷାବିଜ୍ଞାନ

ପୂର୍ଣ୍ଣସଂଖ୍ୟା : ୧୦୦ ସମୟ : ୩.୦୦ ଘ.

## 'କ' ବିଭାଗ

ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । (୧x୧୦=୧୦)

କ) ମଣିଷର ମୁଖନିଃସୃତ ବାଣୀକୁ କ'ଣ କୁହାଯାଏ ?

ଖ) କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବହୃତ ଭାଷାକୁ କେଉଁ ଭାଷା କହନ୍ତି ?

ଗ) ଭାଷାର ଉତ୍ପତ୍ତି ସମ୍ପର୍କରେ ପ୍ରାଚୀନତମ ସିଦ୍ଧାନ୍ତ କ'ଣ ?

ଘ) ଦାର୍ଶନିକ ପ୍ଲାଟୋ ................ସିଦ୍ଧାନ୍ତର ମୂଳ ପ୍ରସ୍ତାବକ ।

ଙ) କ୍ୟାଥୋଲିକ୍‌ମାନଙ୍କ ମତରେ କେଉଁ ଭାଷା ଭଗବାନଙ୍କଦ୍ୱାରା ସୃଷ୍ଟି ?

ଚ) କେଉଁ ଦେଶର ଭାଷା ପରିବାରରେ ବ୍ୟଞ୍ଜନ ଧ୍ୱନିଗୁଡ଼ିକ ଅପରିବର୍ତ୍ତନଶୀଳ ?

ଛ) ................. ପୃଥିବୀର ସବୁଠାରୁ ବଡ଼ ଭାଷା ପରିବାର ।

ଜ) କେନ୍ତୁମ୍ ବର୍ଗର ପ୍ରଧାନ ଭାଷାର ନାମ ଲେଖ ।

ଝ) କିଏ ଉପଭାଷାକୁ 'ବିଭାଷା' ବୋଲି କହିଥିଲେ ?

ଞ) ଶିକ୍ଷା, ସାହିତ୍ୟ, ପ୍ରଶାସନ କ୍ଷେତ୍ରରେ କେଉଁ ଭାଷା ବ୍ୟବହୃତ ହୋଇଥାଏ ?

## 'ଖ' ବିଭାଗ

ନଂ.୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ । (୨ x ୯=୧୮)

କ) ମନୁଷ୍ୟର ଭାଷା ଓ ଇତର ପ୍ରାଣୀଙ୍କ ଭାଷାକୁ ଭାଷାବଜ୍ଞାନୀମାନେ କ'ଣ କହିଛନ୍ତି ?

ଖ) ଅର୍ଥ ସହ ଭାଷାର ଗ୍ରୀକ୍ ଓ ଇଂରାଜୀ ପ୍ରତିଶବ୍ଦ ଲେଖ ।

ଗ) 'ଧାତୁସିଦ୍ଧାନ୍ତ' କହିଲେ କ'ଣ ବୁଝ ?

ଘ) ବିବର୍ତ୍ତନ ସିଦ୍ଧାନ୍ତ ସମ୍ପର୍କରେ ଡାଇଉଇନ୍ କେଉଁ ମତ ପ୍ରଦାନ କରିଛନ୍ତି ?

ଙ) ଭାରତୀୟ ଆର୍ଯ୍ୟଭାଷା କେତେ ଭାଗରେ ବିଭକ୍ତ ? ସମୟକାଳ ସହିତ ସେମାନଙ୍କ ନାମ ଲେଖ ।

ଚ) 'ବାଲଟିକ ଶାଖା' କେଉଁ ଭାଷା ବର୍ଗର ଅନ୍ତର୍ଗତ ? ଏଥିରେ କେତୋଟି ଉପଶାଖା ରହିଛି ?

ଛ) ମାନକ ଭାଷାର ସ୍ୱରୂପ କ'ଣ ?

ଜ) ଡଃ ଭୋଳାନାଥ ତିୱାରୀ ଉପଭାଷା ସମ୍ପର୍କରେ କେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି ?

ଝ) ଉପଭାଷା ସୃଷ୍ଟିର ଭୌଗୋଳିକ କାରଣ ଦର୍ଶାଅ ?

## 'ଗ' ବିଭାଗ

ନଂ.୩. ଯେକୌଣସି ଆଠଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ । (୫ x ୮=୪୦)

କ) ଭାଷାର ବିଭିନ୍ନ ରୂପ ବା ପ୍ରକାରଭେଦ ସଂପର୍କରେ ଆଲୋଚନା କର ।

ଖ) ଭାଷାର ସ୍ୱରୂପ ସଂକ୍ଷିପ୍ତରେ ନିର୍ଦ୍ଧାରଣ କର ।

ଗ) 'ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ'ର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କର ।

ଘ) ଇଙ୍ଗିତବାଦ ସିଦ୍ଧାନ୍ତ ଓ ଧ୍ୱନ୍ୟାତ୍ମକ ସିଦ୍ଧାନ୍ତ ମତାନୁସାରେ ଭାଷାର ଉତ୍ପତ୍ତି କିପରି ହୋଇଛି ।

ଙ) 'ବିବର୍ତ୍ତନ ସିଦ୍ଧାନ୍ତ ହିଁ ଭାଷା ଉତ୍ପତ୍ତିର ସବୁ ସିଦ୍ଧାନ୍ତ ମଧ୍ୟରୁ ଅଧିକ ସୁଚିନ୍ତିତ' – ଉକ୍ତିଟିର ଯଥାର୍ଥ୍ୟ ବିଚାର କର ।

ଚ) ଇଣ୍ଡୋ-ଇଉରୋପୀୟ ଭାଷାବର୍ଗର ବିଶିଷ୍ଟ ଲକ୍ଷଣ ସଂପର୍କରେ ଧାରଣା ପ୍ରଦାନ କର ।

ଛ) ତୋଖାରୀ ଶାଖା ଓ ହିଟ୍ଟାଇଟ ଶାଖା ମଧ୍ୟରେ ପ୍ରଭେଦ ଦର୍ଶାଅ ।

ଜ) 'ପାଲି' ଶବ୍ଦର ବ୍ୟୁତ୍ପତ୍ତି ଓ ଅର୍ଥ ସଂପର୍କରେ ଆଲୋକପାତ କର ।

ଝ) ମାନକ ଭାଷା ଓ ଉପଭାଷା ମଧ୍ୟରେ ଥିବା ପାର୍ଥକ୍ୟ ପ୍ରଦର୍ଶନ କର ।

ଞ) ଓଡ଼ିଆ ଭାଷାର ବିଭିନ୍ନ ଉପଭାଷାର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

## 'ଘ' ବିଭାଗ

ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ୮୦୦ଟି ଶବ୍ଦ ମଧ୍ୟରେ ଲେଖ । (୮ x ୪=୩୨)

କ) ଭାଷାର ସଂଜ୍ଞା ଓ ସ୍ୱରୂପ ଦର୍ଶାଇ ଏହାର ଯଥାଯଥ ଭୂମିକା ନିର୍ଣ୍ଣୟ କର ।

ଖ) ଭାଷାର ଉତ୍ପତ୍ତି ସଂପର୍କରେ ଗଠିତ ସିଦ୍ଧାନ୍ତମାନଙ୍କୁ ବିଶ୍ଳେଷଣ କର ।

ଗ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ବର୍ଗୀକୃତ ରୂପଭେଦର ପରିଚୟ ପ୍ରଦାନ କର ।

ଘ) ପୃଥିବୀର ଭାଷାଗୋଷ୍ଠୀରେ ପାରିବାରିକ ବର୍ଗୀକରଣ ସମ୍ପର୍କରେ ବୁଝାଇ ଲେଖ ।

ଙ) ମାନକ ଭାଷାର ସଂଜ୍ଞା, ସ୍ୱରୂପ ଓ ପରିସର ସମ୍ପର୍କରେ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କର ।

-o-